**ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

**କରଞ୍ଜିଆ:** ପାଞ୍ଚପୀଢ଼ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଏସ୍‌ପି. ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ଦ୍ୱାରା ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଅଧୀନ ୫ ବ୍ଲକରୁ ୧୦୨ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୮୩ ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୪ବ୍ୟକ୍ତିଙ୍କୁ ୧୭ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଡିଏଫ୍‌ଓ ଶ୍ରୀକାନ୍ତ ନାୟକ, ପିଏ ଆଇଟିଡିଏ ଦେବଦତ୍ତ ମହାନ୍ତ,ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ, ଉପଜିଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ସହ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ ଅଙ୍ଗନୱାଡ଼ି କର୍ମୀ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ।

**ବାଲେଶ୍ୱର ଅଫିସ,୨୨।୧୧**

ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ବାଲେଶ୍ୱର ଜିଲା କମିଟି ପକ୍ଷରୁ ମଙ୍ଗଳବାର ବାଲେଶ୍ୱର ରେଳଷ୍ଟେଶନରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ପ୍ରତିନିଧି ଦଳ ୧୭ଦଫା ସମ୍ବଳିତ ଦାବିପତ୍ର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ପ୍ରଦାନ କରିଛନ୍ତି।

ସଂଘ ଜିଲା କମିଟି ସଭାପତି ପ୍ରତିଭା ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଜିଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ଦାସ ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ଦାବିଗୁଡ଼ିକ ମଧ୍ୟରେ ନିମ୍ନମାନର ମୋବାଇଲ ନେଇ ଭଲ ମୋବାଇଲ ପ୍ରଦାନ, ଗ୍ୟାସ୍ ରିଫିଲିଂ ଫି' ପ୍ରଦାନ, ଭତ୍ତାରୁ ବଞ୍ଚିତ କର୍ମୀଙ୍କୁ ଭତ୍ତା ପ୍ରଦାନ, ବ୍ୟାଙ୍କରେ ଫ୍ରିଜ୍ ଆକାଉଣ୍ଟ କାର୍ଯ୍ୟକ୍ଷମ କରିବା, ବିଭିନ୍ନ ବ୍ଲକରେ ସିଡ଼ିପିଓ ଓ କିରାଣି ପଦବୀ ପୂରଣ, ଗସ୍ତ ଖର୍ଚ୍ଚ ଅବିଳମ୍ବେ ପ୍ରଦାନ, ଖେଳଣା ଓ ଔଷଧ କିଟ୍ ବାବଦୀୟ ଅର୍ଥ ପ୍ରଦାନ, ପୋଷଣ ଟ୍ରାକ୍‌ର ବାବଦୀୟ ମାସିକ ୫ଶହ ଟଙ୍କା ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ଏଆଇଟିୟୁସିର ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଯୋଗଦେଇ ସମଗ୍ର ଦେଶରେ ୨କୋଟିରୁ ଅଧିକ ସ୍କିମ୍ ୱାର୍କରଙ୍କୁ ପେଟରେ ଦାନା ନ ଦେଇ ପିଠିରେ ଚାବୁକ୍ ମାରିବା ଭଳି ଅଭିନବ କୌଶଳ ଅଧିକାରୀମାନେ ହାତାଉଛନ୍ତି ଓ ମାନସିକ ନିର୍ଯାତନା ଦେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହା ବିରୋଧରେ ରାଜ୍ୟବ୍ୟାପୀ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀସଂଘ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମଚାରୀ ସଂଘ ସଂଯୁକ୍ତମୋର୍ଚ୍ଚା ଆହ୍ୱାନରେ ଆଗାମୀ ୯ ଡିସେମ୍ବର ସମଗ୍ର ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ମିନିକର୍ମୀ ଓ ସହାୟିକାମାନେ ବିଧାନସଭା ଘେରିବେ। ଏଥିରେ ଜିଲାର ସମସ୍ତ ପ୍ରକଳ୍ପର ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦେଇଥିଲେ। ବିକ୍ଷୋଭରେ ନିର୍ବାସିନୀ ପ୍ରଧାନ, ସୁଷମା ପାତ୍ର, ନିୟତି ସାହୁ, ନିଶାମଣି ନାୟକ, ପୂର୍ଣ୍ଣିମା ଦେ', ପ୍ରତିଭା ନାୟକ, ଜ୍ୟୋତି ଦାସ, ଅନୁପମା ଗିରି, ଅନ୍ନପୂର୍ଣ୍ଣା ପ୍ରଧାନ, ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସମେତ ୧୧ଟି ପ୍ରକଳ୍ପର ନେତୃସ୍ଥାନୀୟ କର୍ମୀ, ମିନି କର୍ମୀ ଓ ସହାୟିକା ନେତ୍ରୀମାନେ ଯୋଗ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ ଜଗନ୍ନାଥ


@ ସୁଶୀଲ


@ ତପୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଚଳନ୍ତା ବାଇକ୍‌ରେ ନିଆଁ

**ଚମ୍ପୁଆ, ୨୨।୧୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ନୂଆଗାଁଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍‌ରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ଆରୋହୀ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୟୂରଭଞ୍ଜ ଜିଲା ରରୁଆଁ ଅଞ୍ଚଳର ଶ୍ରବଣ କୁମାର ମହାନ୍ତି ଚମ୍ପୁଆ ଅଞ୍ଚଳରୁ କାମ ସାରି ବାଇକ୍ ( ନଂ. ଓଡି୦୯ଟି ୮୪୭୧) ଯୋଗେ ରରୁଆଁ ଫେରୁଥିବା ବେଳେ ସାତକୁଟୁଣିଆ ହୁଡି ନିକଟରେ ବାଇକ୍‌ରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ଅଳ୍ପ ଦୂରରେ ଥିବା ନୁଆଗାଁ ଛକଠାରେ ଗାଡିଟି ଠିଆ କରିବାରୁ ହଠାତ୍‌ନିଆଁହୁତୁହୁତୁହୋଇଜଳିବାକୁଲାଗିଲା।ଫଳରେଗାଡିଟିସମ୍ପୂର୍ଣ୍ଣଭାବରେ ପୋଡିଯାଇଥିଲା। ସୌଭାଗ୍ୟବଶତଃ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।



# ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

**ବାରିପଦା ଅଫିସ/ବୈଶିଙ୍ଗା,୨୨।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ମାମଲାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ବାଘୁଆ ଗ୍ରାମର ଚୁନୁ ମହାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ଜିଲା ଆଇନ ସହାୟତା କର୍ତ୍ତୃପକ୍ଷ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ ଜୁଲାଇ ୧୦ରେ ନାବାଳିକାଙ୍କୁ ଏକୁଟିଆ ପାଇ ସମ୍ପର୍କୀୟ ଜେଜ ଚୁନୁ ବଳାତ୍କାର କରିଥିଲେ। ଏ ସମ୍ବନ୍ଧରେ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଭୟରେ ନାବାଳିକା ପରିବାର ଲୋକଙ୍କୁ କିଛି କହି ନ ଥିଲେ। ୩ମାସ ପରେ ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିବାରୁ ପରିବାର ଲୋକେ ଅକ୍ଟୋବର ୧୦ରେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ସ୍ୱତନ୍ତ୍ର ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବେଆଇନ ବାଲି ବୋଝେଇ ଗାଡ଼ି ଜବତ

**ପାଟଣା,୨୨।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ତହସିଲ ଚମେଣା ରାଜସ୍ୱ ସର୍କଲ ଅଧୀନ ୪୯ନଂ. ଜାତୀୟ ରାଜପଥର ଚିଲିଦାରୁମଙ୍ଗଳବାରଏକବାଲିବୋଝେଇହାଇୱାଓରାଜନଗର ସର୍କଲର ଭୃଙ୍ଗରାଜପଶିରୁ ଅନ୍ୟ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ପାଟଣା ରାଜସ୍ୱ ବିଭାଗ ଅଧିକାରୀ ଚଢ଼ାଉ କରି ମୋଟ ୩୮ ହଜାର ୧୨୦ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହି ଚଢ଼ାଉରେ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଏନ୍‌ଫୋର୍ସ ମେଣ୍ଟ ଟିମ୍‌ର ସୁପରଭାଇଜର ବନମାଳୀ ନାଏକ, ପାଟଣା ଆର୍‌ଆଇ ଶ୍ରୀଧର ନାଏକ ଓ ଅମଲା ବସନ୍ତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

**୩୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ**

# ଶ୍ୱଶୁରଘରେ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ଖୁଣ୍ଟା,୨୨।୧୧(ଡି.ଏନ୍.ଏ.):** ଦାମ୍ପତ୍ୟ କଳହରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଶ୍ୱଶୁର ଘରେ କଇଁଚିରେ ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ପଥରା ପଞ୍ଚାୟତ ହିଞ୍ଜଳଗଡ଼ିଆ ଗ୍ରାମରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ମଧୁସୂଦନ ମୁର୍ମୁଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ ସହାଗୀ ମୁର୍ମୁ (୨୮) ।

ପୋଲିସ ସୂଚନା ଅନୁଯାୟୀ, ହିଞ୍ଜଳଗଡ଼ିଆ ଗ୍ରାମର ସହାଗୀ ୨୦୧୮ରେ ଉଦଳା ଥାନା ଅଧୀନ କାନ୍ଥସାହି ଗ୍ରାମର ମଧୁସୂଦନଙ୍କୁ ଭଲ ପାଇ ବିବାହ କରିଥିଲେ। ଗତ ସପ୍ତାହେ ପୂର୍ବରୁ ମଧୁସୂଦନ ଓ ସହାଗୀ ଶ୍ୱଶୁର ଘର ହିଞ୍ଜଳଗଡ଼ିଆ ଗ୍ରାମକୁ ବୁଲି ଆସିଥିଲେ। ସୋମବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମଧୁସୂଦନ ଏକ କଇଁଚି ସାହାଯ୍ୟରେ ସହାଗୀଙ୍କ ଛାତି, ପିଠି, ହାତ ଓ ଜଂଘକୁ ଭୁସି ଦେଇଥିଲେ। ବାପ ଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବିଳମ୍ବିତ ରାତିରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ମଙ୍ଗଳବାର ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ହତ୍ୟାକାଣ୍ଡରେ ବ୍ୟବହୃତ କଇଁଚିକୁ ପୋଲିସ ଜବତ କରିଛି। ମୃତ ସହାଗୀଙ୍କ ଭାଇଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୩୨୮/୨୨) ରୁଜୁ ହୋଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

**ହତ୍ୟାରେ ବ୍ୟବହୃତ କଇଁଚି ଜବତ**

# ଜଳିଗଲା ୩ ବଖରା, ଗାଈ ବାଛୁରୀ ଜୀବନ୍ତ ଦଗ୍ଧ

**ପଦ୍ମପୁର, ୨୨।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତ ମଳିକସାହିର ନିରୁପମା ମଳିକଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିସହ ୨ଟି ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଖବରପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ଚିନ୍ତାମଣି ନାୟକ ବ୍ୟକ୍ତିଗତ ଭାବେ ଅଗ୍ନିବିପନ୍ନଙ୍କୁ ୨ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ବେଳେ ଏଡ଼ତାଳ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ହାତୀ ଚଲାପଥରେ ବେଆଇନ ପାର୍କିଂ ହେଲେ କାର୍ଯ୍ୟାନୁଷ୍ଠାନ

**କେନ୍ଦୁଝର, ୨୨।୧୧(ସ୍ୱ.ପ୍ର.):** ହାତୀ ମୃତ୍ୟୁ ରୋକିବା ପାଇଁ ବନ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ମଧ୍ୟରେ ଏକ ସମନ୍ୱୟ କମିଟି ବୈଠକ ମଙ୍ଗଳବାର କେନ୍ଦୁଝର ଡିଭିଜନ ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିଏଫ୍‌ଓ ଧନରାଜ ଏଚ୍.ଡି.ଙ୍କ ସମେତ ରେଳ, ବିଦ୍ୟୁତ୍ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଗତ ସେପ୍ଟେମ୍ବର ୩ରେ ହୋଇଥିବା ସମନ୍ୱୟ ବୈଠକ ଅନୁଯାୟୀ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥରେ ପ୍ରସ୍ତାବିତ ଅଣ୍ଡରପାସ୍, ଓଭରପାସ୍, ବ୍ୟାରେକେଡିଂର ଅଗ୍ରଗତି, ବନ ବିଭାଗ ପକ୍ଷରୁ ଚିହ୍ନଟ ସମ୍ବେଦନଶୀଳ ଅଞ୍ଚଳରେ ସାଇନବୋର୍ଡ ଲଗାଯାଇଛି କି ନାହିଁ, ବନ ଓ ରେଳ ବିଭାଗର ଯୁଗ୍ମ ପାଟ୍ରୋଲିଂ, ରେଳ ଟ୍ରାକ ପାର୍ଶ୍ୱରେ, ଅଣ୍ଡରପାସ୍‌ରେ ଲତା ଓ ବୁଦା ସଫେଇ, ହାତୀ ଚଳପ୍ରଚଳ ଅଞ୍ଚଳରେ କେବୁଲିଂ ବ୍ୟବସ୍ଥା, ୧୧ କେଭି ଲାଇନ ତାରର ଉଚ୍ଚତା ବୃଦ୍ଧି, ବେଆଇନ ହୁକିଂ ଆଦି ଉପରେ ଆଲୋଚନା କରାଯାଇଛି। ସେହିପରି ଖୋଲା ଟ୍ରାନ୍ସଫର୍ମରଗୁଡ଼ିକର ସୁରକ୍ଷାବାଡ଼ ବ୍ୟବସ୍ଥା, ଓହଳି ପଡ଼ିଥିବା ତାରଗୁଡିକୁ ଚିହ୍ନଟ କରି ଉଚ୍ଚତା ବଢାଇବା, ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ଗାର୍ଡ ସ୍ପାଇକ ବା କଣ୍ଟା ବ୍ୟବସ୍ଥା, ଜିପିଏସ୍ ରିଡିଂ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜାତୀୟ ରାଜପଥରେ ହାତୀ ରାସ୍ତା ଅତିକ୍ରମ କରୁଥିବା ସ୍ଥାନଗୁଡିକୁ ଚିହ୍ନଟ କରି ଗାଡ଼ିର ବେଗ ନିୟନ୍ତ୍ରଣ ପାଇଁ ରମ୍ବଲର ବ୍ୟବସ୍ଥା ସହ ସାଇନ ବୋର୍ଡ ଲଗାଇବା ନେଇ ଆଲୋଚନା ହୋଇଥିଲା। ଉକ୍ତ ସ୍ଥାନରେ ସୋଲାର ଲାଇଟ ବ୍ୟବସ୍ଥା କରିବାକୁ ଏନ୍‌ଏଚ୍‌ଏଆଇକୁ ଡିଏଫ୍‌ଓ ନିର୍ଦ୍ଦେଶ ଦେଇଥିଲେ। ବିଜେପି ରେଞ୍ଜ୍‌ର ପୁତୁଲପାଣି, ତେନ୍ତୁଳି, ତେଲକୋଇ ରେଞ୍ଜ୍‌ର ଜଗମୋହନପୁର ନିକଟ ଗୁଙ୍ଗୁରୁବାହାଳ ଓ ଘଟଗାଁ ରେଞ୍ଜ୍‌ର ପିପିଳିଆରେ ଜାତୀୟ ରାଜପଥ ହାତୀ ଅତିକ୍ରମ କରୁଥିବାରୁ ଉକ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରିବା ଉପରେ ଅଧିକାରୀମାନ ଆଲୋଚନା କରିଥିଲେ। ୪୯ ଏବଂ ୨୦ ନଂ. ଜାତୀୟ ରାଜପଥରେ ହାତୀ ରାସ୍ତା ଅତିକ୍ରମ କରୁଥିବା ସ୍ଥାନରେ ବେଆଇନ ଗାଡ଼ି ପାର୍କିଂ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ହାତୀ ରେଳ ଟ୍ରାକ ନିକଟରେ ରହିଥିଲେ କିମ୍ବା ଆଖପାଖ ଜଙ୍ଗଲରେ ଥିଲେ ତୁରନ୍ତ ସତର୍କମୂଳକ ନିର୍ଦ୍ଦେଶ ଦେବାକୁ ଡିଏଫ୍‌ଓ ଉପସ୍ଥିତ ରେଞ୍ଜରମାନଙ୍କୁ କହିଥିଲେ।







## ବାର୍ତ୍ତା



ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ୨୦୨୩ ହାଇସ୍କୁଲ୍ ଏବଂ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୧ (Summative Assessment-I) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଚଳିତ ବର୍ଷ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିଅର ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାମାନେ ଯେପରି ସମ୍ପୂର୍ଣ୍ଣ ଚାପ ମୁକ୍ତ ହୋଇ ପରୀକ୍ଷା ଦେବେ ଏବଂ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଉଚିତ୍। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ଭାବରେ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣଙ୍କ ସହଯୋଗ କାମନା କରୁଛି।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭକାମନା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

## ବାର୍ତ୍ତା



ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ନଭେମ୍ବର ୨୩ରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୨୦୨୩ ହାଇସ୍କୁଲ୍ ଓ ମଧ୍ୟମା (ସଂସ୍କୃତ)ର ସମାପ୍ତି ସୂଚକ ଆକଳନ-୧ (Summative Assessment-I) ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେଉଅଛି। ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସଫଳତା କାମନା କରୁଛି। ଛାତ୍ର ଜୀବନରେ ମାଟ୍ରିକ୍ ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରୀକ୍ଷାର ସଫଳତା ଉଚ୍ଚଶିକ୍ଷାର ଭିତ୍ତିଭୂମୀ ନିର୍ମାଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଅତ୍ୟଧିକ ଚାପର ବଶବର୍ତ୍ତୀ ନ ହୋଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ, କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସକୁ ନେଇ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ। ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷା କରିବା ସଙ୍ଗେ ସଙ୍ଗେ ଗଭୀର ବିଶ୍ୱାସ ଓ ଆତ୍ମପ୍ରତ୍ୟୟର ସହିତ ପରୀକ୍ଷାରେ ଅଂଶଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ। ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ପ୍ରଶାସନର ସହଯୋଗ କାମନା କରୁଛି।

(ସମୀର ରଞ୍ଜନ ଦାଶ)

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ମୋରଡା,(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନନ ଧାନଶୋଳ ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଭୁଗୁଲ ମୁର୍ମୁଙ୍କ ପୁଅ ଶିବ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ, ସ୍ଥାନ: ସିଦ୍ଧି ବିନାୟକ ସ୍କୁଲ, ମଠସାହି, ସମୟ: ଅପରାହ୍ନ ୩ଟା।
- 'ଫଗୁଣ ଫେରିବନି' ଉପନ୍ୟାସର ଉନ୍ମୋଚନ, ସ୍ଥାନ: ଭେନ୍ୟା ପାରାଡାଇଜ୍, କବିତା ପାଠୋତ୍ସବ, ସମୟ: ଅପରାହ୍ନ ୩ଟା। ଉପନ୍ୟାସ ଉନ୍ମୋଚନ, ସମୟ: ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଏଟିଏମ୍ କାଉଣ୍ଟର ଖୋଲିବାକୁ ଦାବି

**ଗୋପବନ୍ଧୁ ନଗର,୨୨।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଆମରାଠାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରହିଛି। ଉକ୍ତ ବ୍ୟାଙ୍କ ପ୍ରତିଷ୍ଠା ହେବା ୩୦ ବର୍ଷରୁ ଅଧିକ ହୋଇଥିଲେ ମଧ ଅଦ୍ୟାବଧି ଏଠାରେ ଏଟିଏମ୍ କାଉଣ୍ଟର ଖୋଲିନାହିଁ। ଉକ୍ତ ବ୍ୟାଙ୍କ ଅଧୀନରେ ୩/୪ ଟି ପଞ୍ଚାୟତର ଲୋକେ ନିର୍ଭରଶୀଳ। ୬ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ବ୍ୟାଙ୍କରେ ଦେଣନେଣ କରୁଛନ୍ତି। ବିଭିନ୍ନ ସରକାରୀ ଭତ୍ତା, ପେନସନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲୋକେ ଦିନତମାମ ସମୟ ନଷ୍ଟ କରୁଛନ୍ତି। ଜରୁରୀ ସମୟରେ ତଥା ଛୁଟି ଦିନ ମାନଙ୍କରେ ଆବଶ୍ୟକ ଅର୍ଥର ଅଭାବ ମେଣ୍ଟି ପାରୁନାହିଁ। ଜଣେ ଭତ୍ତା ନେବାକୁ ଆସିଲେ ଦିନ ତମାମ ଜଗିବାକୁ ପଡୁଛି। ଏଣୁ ଜନସାଧାରଣଙ୍କ ସୁବିଧା ଓ ବ୍ୟାଙ୍କରେ ଭିଡ଼ କମାଇବା ପାଇଁ ଏକ ଏଟିଏମ୍ କାଉଣ୍ଟର ଖୋଲିବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି।

### ରୋଷେଇ ଘରେ ୧୨ଫୁଟର ଅହିରାଜ

**ନୀଳଗିରି, ୨୨।୧୧(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ପଞ୍ଚଲିଙ୍ଗେଶ୍ୱର ବସ୍‌ଷ୍ଟାଣ୍ଡ ନିକଟ କେନ୍ଦୁନାଳଠାରେ ସନାତନ ସିଂଙ୍କ ରୋଷେଇ ଘରୁ ମଙ୍ଗଳବାର ୧୨ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ସନାତନଙ୍କ ସ୍ତ୍ରୀ ରୋଷେଇ କରିବାକୁ ଯିବା ବେଳେ ସାପକୁ ଦେଖି ଭୟଭୀତ ହୋଇ ଟୁରିଷ୍ଟ ଗାଇଡ଼ ତଥା ସାପଧରାଳୀ ମନୋରଞ୍ଜନ ଦାସ, ଗାର୍ଡ଼ ଶଶିକଳା ସାହୁ ଓ ସବୁଜ ବାହିନିଙ୍କୁ ଖବର ଦେବା ପରେ ସମସ୍ତେ ଘଟଣାସ୍ଥଳରେ ପହଞ୍ଚି ସାପକୁ ସତର୍କତାର ସହ ଉଦ୍ଧାର କରିଥିଲେ। ସାପକୁ ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀଙ୍କ ନିର୍ଦ୍ଦେଶରେ ଦେବଗିରି ଜଙ୍ଗଲରେ ଛଡ଼ାଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ତେଲକୋଇ,୨୨।୧୧(ଡି.ଏନ.ଏ.):** ତେଲକୋଇର ଜଗମୋହନରୁ ପୂର୍ତ୍ତ ବିଭାଗ ରାସ୍ତାର ଗାନ୍ଧୀ ନଗର ସାହି ଛକ ନିକଟରେ ସୋମବାର ସନ୍ଧ୍ୟାରେ ଅଟୋ ସହିତ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଧୀନ ଝରାଲୋ ଗ୍ରାମର ଲକ୍ଷ୍ମଣ ମୁଣ୍ଡାଙ୍କ ପୁଅ ଡାକ (୨୦)। ସୂଚନା ଅନୁଯାୟୀ, ଡାକ ବାଇକ୍ ଯୋଗେ ତେଲକୋଇ ଅଭିମୁଖେ ଆସୁଥିବା ବେଳେ ଏକ ମାଲବାହୀ ଅଟୋ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ବୁଲା କୁକୁରଙ୍କ ପ୍ରାଦୁର୍ଭାବ

**ପୌର ଅଧିକାରୀଙ୍କୁ ଫେରାଦ ହେଲେ ୱାର୍ଡବାସୀ**

**ଜଳେଶ୍ୱର, ୨୨।୧୧(ଡି.ଏନ.ଏ.):** ଜଳେଶ୍ୱର ପୌରାଞ୍ଚଳରେ ଦିନକୁ ଦିନ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ରାସ୍ତାରେ ଯାଉଥିବା ଗୃହପାଳିତ ପ୍ରାଣୀ ଓ ସ୍କୁଲ ପିଲାମାନଙ୍କୁ କାମୁଡି ଖଣ୍ଡିଆ ଖାବରା କରୁଥିବା ଜଣାଯାଇଛି। ୭ନଂ. ୱାର୍ଡ ଶାସନବାର୍ଡ ଅଞ୍ଚଳର ଅନାଦି ରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ପରିଡା, କେତନ ପଟ୍ଟନାୟକ, ଅକ୍ଷୟ ଦାସ, ଅର୍ଦ୍ଧେନ୍ଦୁ ପାହାଡି ପ୍ରମୁଖ ପୌରପାଳିକା ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି। କୁକୁରଗୁଡିକୁ ବନ୍ଧ୍ୟାକରଣ କରିବା ସହିତ ସେଗୁଡିକୁ ଧରି ଜଙ୍ଗଲରେ ଛାଡିବାକୁ ଲୋକେ ନିବେଦନ କରିଛନ୍ତି।

### ବରପଦା କ୍ରିକେଟ ଟୁର୍ନାମେଣ୍ଟ: ଆଡିଆ ଟିମ୍ ଚାମ୍ପିୟନ

**ଖଇରା, ୨୨।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ରଥ ପଡିଆରେ ଚାଲିଥିବା ବରପଦା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦୁଝର ଜିଲାର ଆଡିଆ ଟିମ୍ ୬ ଉଇକେଟରେ ରଟିଣା ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଗୁରୁପଦ ରାଉତ ଓ କାହ୍ନୁ ଚରଣ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ହରିପୁର ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଶାରିରୀକ ସୁସ୍ଥତା ପାଇଁ କ୍ରୀଡା ଅପରିହାର୍ଯ୍ୟ ବୋଲି କହିଥିଲେ। ବରପଦା ୟୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ସଭାପତି ଦୈତାରୀ ପଣ୍ଡା, ସମ୍ପାଦକ ଜୟନ୍ତ କୁମାର, ସଭ୍ୟ ଧନେଶ୍ୱର ପାତ୍ର, ଶଶିକାନ୍ତ ଦାସ, ଜୟଦେବ ବେହେରା ଓ ରବୀନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ହାତୀପଲଙ୍କ ଉତ୍ପାତ

# ବନ କର୍ମଚାରୀ ନାକେଦମ୍

**ପାଟଣା,୨୨।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ପୁଣି ଗତ ଶୁକ୍ରବାର ରାତିରେ ୨୪ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜରୁ ଆସି ଉତ୍ପାତ ଚଳାଇଛନ୍ତି। ପାଟଣା ରେଞ୍ଜ ବନବୀର, ଖଡିବେଡ଼ା, କୁଦାବେଡା, ରେଙ୍ଗାଳବେଡା, କୁଣ୍ଡଳା, ଏରଣ୍ଡେଇ, ବେଗେନାଖମଣ, ପାଟନାଳୀ, ଗୁଲୁଦିପଶି, ଦହିବାହାଳି ଓ ଝାଟିପଡ଼ା ଗ୍ରାମରେ ଧାନ ଫସଲ ଖାଇବା ସହ ବ୍ୟାପକ ଭାବେ ନଷ୍ଟ କରିଛନ୍ତି। ଚାଷୀମାନେ କିଭଳି ସରକାରୀ ସହାୟତା ପାଇ ପାରିବେ ସେ ନେଇ ବନ ବିଭାଗ ପକ୍ଷରୁ ସହଯୋଗ କରାଯିବା ପରିବର୍ତ୍ତେ କର୍ମଚାରୀମାନେ ଅସହଯୋଗ କରୁଥିବା କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ କରିଛନ୍ତି। ଏଣେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ହାତୀ ଘଉଡ଼ାଇବା କାର୍ଯ୍ୟରେ ବନ ବିଭାଗ ନାକେଦମ୍ ହେଉଥିବା ଦେଖିବାକୁ ମିଳିଛି।

ହାତୀ ପଲ ମଙ୍ଗଳବାର ପାଟଣା–ପିପିଲିଆ ରାସ୍ତାର ଦହିବାହାଳି ଜଙ୍ଗଲରୁ ଝାଟିପଡ଼ା ସଂରକ୍ଷିତ ଜଙ୍ଗଲକୁ ଯାଉଥିବା ବେଳେ ଦୀର୍ଘ ସମୟ ରାସ୍ତା ଉପରେ



ଉତ୍ପାତ ଚଳାଇଥିବା ହାତୀପଲ।

### ଚାଷୀ ଅତିଷ୍ଠ

ଛିଡ଼ା ହୋଇଥିଲେ। ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସନ୍ଧ୍ୟାରେ ହାତୀପଲ ଝାଟିପଡ଼ା ସଂରକ୍ଷିତ ଜଙ୍ଗଲକୁ ଚାଲି ଯାଇଛନ୍ତି। ହାତୀ ଉତ୍ପାତରେ ଚାଷୀ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ବନ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଦୀର୍ଘ ଦିନ ହେବ ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲ ଘୁରି ବୁଲୁଥିବା ବେଳେ ବନ ବିଭାଗ ସାଇରନ ବଜାଇ ହାତୀଙ୍କୁ ଜନବସତିଠାରୁ ଦୂରରେ ରଖିବାକୁ ପ୍ରୟାସ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ସନ୍ଧ୍ୟାରୁ ବିଦ୍ୟୁତକାଟ୍ ହେଉଥିବାରୁ ଛାତ୍ରୀଛାତ୍ରମାନଙ୍କର ପାଠ ପଢ଼ିବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏଣେ ବିଦ୍ୟୁତ୍ ବିଭାଗ ହାତୀ ଚଳପ୍ରଚଳ ଅଞ୍ଚଳ ବିଦ୍ୟୁତ୍ ଖୁଣ୍ଟରେ ପୋଲ ସ୍ପାଇକ ଓ ଟ୍ରାନ୍ସଫର୍ମର ଫେନିସିଙ୍ଗ ନ କରି ଦିନ ଦିନ ଧରି ବିଦ୍ୟୁତ୍ କାଟ କରୁଥିବାରୁ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣେ ଲୋକେ ପ୍ରତି ଗାଁମୁଣ୍ଡରେ ଜଗି ରହି ଟାୟାର ଜାଳୁଛନ୍ତି, ବାଣ ଫୁଟାଉଛନ୍ତି ତ କୋଉଠି ଗଛ ଡାଳ ପକାଇ ରାସ୍ତା ଅବରୋଧ କରି ହାତୀଙ୍କୁ ଗାଁରେ ପୁରାଇ ନ ଦେବା ପାଇଁ ନିଜ ନିଜ ସ୍ତରରେ ଉଦ୍ୟମ କରୁଛନ୍ତି। ଖୁବ୍ ଶୀଘ୍ର ହାତୀପଲଙ୍କୁ ଏ ଅଞ୍ଚଳରୁ ଘଉଡ଼ାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉର୍ସ ଉତ୍ସବ ନେଇ ସମୀକ୍ଷା କଲେ ଅଧିକାରୀ

**ଧାମନଗର, ୨୨।୧୧ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଧୀନ ଖାନ୍‌କା ସରିଫଠାରେ ଆସନ୍ତା ୩୦ ତାରିଖରେ ପୀରବାବାଙ୍କ ୪୩ତମ ଉର୍ସ ଉତ୍ସବ ଉପଲକ୍ଷେ ମଙ୍ଗଳବାର ଅପରାହ୍ନରେ ଏକ ସମୀକ୍ଷା ବୈଠକ ଖାନ୍‌କା ସରିଫ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ମନୋଜ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଡିଆଇବି ଡିଏସ୍‌ପି କମଳ ଲୋଚନ ଭୂୟାଁ, ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନାଧିକାରୀ ବନମାଳୀ ବାରିକ, ତହସିଲଦାର କ୍ଷୀରୋଦ ପଣ୍ଡା, ଏନ୍‌ଏସି ଏକ୍‌ଜିକ୍ୟୁଟିଭ ଅଫିସର ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସମୀକ୍ଷା କରିଥିଲେ। ଆସନ୍ତା ୩୦ ତାରିଖ ଓ ଡିସେମ୍ବର ୧ ଦୁଇଦିନ ଧରି ଏହି ଉତ୍ସବ ପାଳନ ହେବ। ଉତ୍ସବ ପାଳନ ପ୍ରକ୍ରିୟା ନେଇ ଧାର୍ଯ୍ୟ ସମୟ, ଆବଶ୍ୟକ ପ୍ରଶାସନିକ ସହଯୋଗ ସମ୍ପର୍କରେ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଥିଲା। ଭାରତର କୋଣାନୁକୋଣରୁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କ ସମାବେଶ ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଚାଦର ଶୋଭାଯାତ୍ରା, ଗମନାଗମନ, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ସଫେଇ, ପାନୀୟ ଜଳ ପାଇଁ ଟ୍ୟାଙ୍କର, ଆମ୍ବୁଲାନ୍ସ, ଅସ୍ଥାୟୀ ଚିକିତ୍ସାକେନ୍ଦ୍ର, ଅଗ୍ନି ନିରାପତ୍ତା, ରେଳଷ୍ଟେଶନରେ ଅଧିକ ଟିକେଟ କାଉଣ୍ଟର, ପୁରୀ–ହାଓ୍ୱଡ଼ା ସ୍ପେଶାଲ ଟ୍ରେନ ଚଳାଚଳ, ଟ୍ରାଫିକ ନିୟନ୍ତ୍ରଣ, ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ଗାଡ଼ି ଯୋଗାଣ ଓ ଭଡ଼ା, ରାସ୍ତା ମରାମତି, ବିଭିନ୍ନ ସ୍ଥାନରେ ଆଲୋକୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାତ୍ରୀ ଓ ପୋଲିସ ରହିବା ପାଇଁ ସ୍ଥାନୀୟ ଅଞ୍ଚଳର ସ୍କୁଲଗୁଡ଼ିକ ୨୯ ତାରିଖରୁ ଚାରିଦିନ ଛୁଟି ଘୋଷଣା ନେଇ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କମିଟି ସମ୍ପାଦକ ମହମ୍ମଦ ଇସ୍ରାଏଲ ହବିବ, ଉପସଭାପତି ସୟଦ ମୁସ୍ତାଫା ରେଜା ହବିବ, ସହ ସମ୍ପାଦକ ଏସ୍. କେ. ଅବଦୁର ରହମାନ ହବିବ, ହାଜି ଗୋଲାମ ମୋହି ଉଦ୍ଦିନ, ସାହେର ମହମ୍ମଦ ଖାନ, ଫଜଲେ ବାରି, ମୌଲାନା ଗୋଲାମ ହୋସେନ, ହସମେନ ରଜା ହାଫିଜ ଗୋଲାମ ଅଲ୍ଲୀ, ମହମ୍ମଦ ତାହେର ଖାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ତିନିତର, ବାଂଶଡ଼ା ସେତୁ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ




ବୈଠକରେ ଜିଲା ଯୋଜନା କମିଟି ଅଧକ୍ଷ ଡ. ବ୍ୟୋମକେଶ ରାୟ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ।

**ଚାନ୍ଦବାଲି, ୨୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ମଙ୍ଗଳବାର ବିଜୁ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ଡ. ବ୍ୟୋମକେଶ ରାୟ ଏଥିରେ ଅଧକ୍ଷତା କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଏନ୍‌ଏସି ଅଧକ୍ଷା ଶାନ୍ତିଲତା ସେଠୀ, ବ୍ଲକ ଅଧକ୍ଷା ମୀନତି ବେହେରା, ତିହିଡ଼ି ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ ବଳ, ଜିଲା ଯୋଜନା କମିଟି ଉପନିର୍ଦ୍ଦେଶକ ମହେଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲିରୁ ଆରଡ଼ିକୁ ସଂଯୋଗ ପାଇଁ ବୈତରଣୀ ନଦୀ ଉପରେ ତିନିତର ସେତୁ ଓ ଧାମରାକୁ ସଂଯୋଗ ଲାଗି ବାଂଶଡ଼ା ସେତୁ ନିର୍ମାଣ ଦ୍ୱାରା ଚାନ୍ଦବାଲିବାସୀଙ୍କ ସ୍ୱପ୍ନ ପୂରଣ ହେବ ବୋଲି ବିଧାୟକ ରାୟ କହିଥିଲେ। ସେତୁ କାର୍ଯ୍ୟ ତ୍ୱରାନ୍ୱିତ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ସେହିପରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତ୍ ଓ ଜଳ ଯୋଗାଣ, ଶୌଚାଳୟ ନିର୍ମାଣ, ନିଜସ୍ୱ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତିହିଡ଼ି ବିଡିଓ ଜ୍ୟୋତିର୍ମୟ କର, ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ବୈଠକରେ ଯୋଗ ଦେଇଥିଲେ। ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖବରଦାତାଙ୍କ ବିୟୋଗରେ ଶୋକ

**ଭଦ୍ରକ ଅଫିସ,୨୨।୧୧**

ଖବରଦାତା ବିଭୁ ପ୍ରସାଦ ବେହେରା(୪୪)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ସେ ଗତ ଦୁଇବର୍ଷ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ସେ ଦୀର୍ଘବର୍ଷ ଧରି ଧରିତ୍ରୀ ଖବରକାଗଜରେ ଭଦ୍ରକ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ବିଭୁଙ୍କ ଅକାଳ ବିୟୋଗରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାଜପା ନେତା ଡ. ପ୍ରଦୀପ ନାୟକ, ବଦ୍ରି ନାରାୟଣ ଧଳ, କଂଗ୍ରେସ ନେତା ନଳିନୀ ମହାନ୍ତି, ପୂର୍ବତନ ବିଧାୟକ ନରେନ ପଲେଇ, ଶହୀଦ ଭଗତ ସେନାର ଆବାହକ ସିତାଂଶୁ ଶେଖର ମହାପାତ୍ର, ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ଆଇନଜୀବୀ ଗଦାଧର ବଳ, ଗିରିଧାରୀ ନାଥ, ଦିବ୍ୟସିଂହ ନାୟକଙ୍କ ସମେତ ବହୁ ରାଜନେତା, ଆଇନଜୀବୀ ଓ ଖବରଦାତା ଶୋକବ୍ୟକ୍ତ କରିଛନ୍ତି।

## ମୋରମ ଉତ୍ତୋଳନ ବେଳେ ୪ ଗିରଫ

**ବୈଶିଙ୍ଗା,୨୨।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାମଡ଼ା ଅଞ୍ଚଳରେ ଚୋରା ମୋରମ ଉତ୍ତୋଳନ କରି ଜିଲା ବାହାରକୁ ଚାଲାଣ କରାଯାଉଥିବା ବେଳେ ପୋଲିସ ଚଢ଼ାଉ କରି ଗୋଟିଏ ଡମ୍ପର ଓ ଜେସିବି ମେଶିନ ଜବତ କରିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲାର ପ୍ରଶାନ୍ତ ବରାଳ, ବୈଶିଙ୍ଗା ଥାନା ଅଧୀନ ଭଣ୍ଡାରଶୋଳ ଗ୍ରାମର ସଞ୍ଜିତ ସିଂ, ପାଲଲହଡା ଥାନା ଅଞ୍ଚଳର ତପନ ନାୟକ ଏବଂ ବସ୍ତା ଥାନା ଅଞ୍ଚଳର କରୁଣାକର ଲେଙ୍କା।

## ରାଜ୍ୟସ୍ତରୀୟ ସଡ଼କ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର ଅଫିସ, ୨୨।୧୧**

ବାଲେଶ୍ୱର ସହର ତାମୁଲିଆ ଗେଟ୍ ନିକଟସ୍ଥ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଦୁଇଦିନିଆ ରାଜ୍ୟସ୍ତରୀୟ ସଡ଼କ ଦୁର୍ଘଟଣା ଅନୁସନ୍ଧାନ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପୋଲିସ ଓ ପରିବହନ ବିଭାଗର ୭୦ଜଣ କର୍ମଚାରୀ ଓ ଅଧିକାରୀମାନେ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଛନ୍ତି। ସଡ଼କ ଦୁର୍ଘଟଣାଗୁଡ଼ିକର ତଦନ୍ତ କିଭଳି ଠିକ୍ ଭାବେ କରାଯାଇପାରିବ ସେନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଅତିଥି ଭାବେ ଡିସିଟି ଆରଏନ ସାରିକା ଯୋଗଦେଇ ବହୁ ସଂଖ୍ୟକ ଦୁର୍ଘଟଣା ଓ ସାଂଘାତିକ ଘଟଣାଗୁଡ଼ିକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ଓ ରାଜ୍ୟ ସରକାରଙ୍କ ସଡ଼କ ସୁରକ୍ଷା ଦୃଷ୍ଟିକୋଣରେ ଉନ୍ନତି ଆଣିବା ପାଇଁ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦୁର୍ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିବା ଆବଶ୍ୟକ ରହିଥିବା ସହ ସମସ୍ତ ସମ୍ଭାବ୍ୟ କାରଣକୁ ଅନ୍ତର୍ଭୁକ୍ତ କରି ଏକ ସଡ଼କ ଦୁର୍ଘଟଣା ଅନୁସନ୍ଧାନ ପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ଉତ୍ସବକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉଦ୍‌ଘାଟନ କରି ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ଓ ଏହାର ପ୍ରତିକାର ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ପରିବହନ ବିଭାଗର ଅତିରିକ୍ତ କମିଶନର ଲାଲମୋହନ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଏହି ତାଲିମର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜନ ଦଳବେହେରା ଧନ୍ୟବାଦ ଦେଇଥିଲେ।

## ଶାଳକଙ୍କ ନାବାଳିକା ପ୍ରେମିକାଙ୍କୁ ବଳାତ୍କାର କରି ଭିଣୋଇ ଗିରଫ

**କରଞ୍ଜିଆ,୨୨।୧୧**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳର ଜଣେ ବିବାହିତ ବ୍ୟକ୍ତି ତାଙ୍କ ଶାଳକଙ୍କ ନାବାଳିକା ପ୍ରେମିକାଙ୍କୁ ବଳାତ୍କାର କରି ଗିରଫ ହୋଇଛନ୍ତି। ଏନେଇ ନାବାଳିକାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୩୨୫/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ୮ମ ଶ୍ରେଣୀରେ ପଢ଼ୁଥିବା ନାବାଳିକା ଜଣକ ସେହି ଗ୍ରାମର ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଯୁବକ ଜଣକ ବାହାରକୁ କାମ କରିବାକୁ ଯାଇଥିବା ସୁଯୋଗରେ ତାଙ୍କ ଭିଣୋଇ ପୁଷ୍ପକ ନାୟକ ମୋବାଇଲ ଫୋନ ଦ୍ୱାରା ନାବାଳିକାଙ୍କ ସହିତ ଯୋଗାଯୋଗ କରି ପ୍ରେମ ଜାଲରେ ଫସାଇବା ସହ ବଳାତ୍କାର କରିଥିଲେ। ପରେ ନାବାଳିକା ଗର୍ଭବତୀ ହେବାରୁ ତାଙ୍କ ମା' କରଞ୍ଜିଆ ଥାନାରେ ଅଭିଯୋଗ କରିଥିଲେ।

## ଅପରାଧ ରୋକିବା ଲାଗି ପୋଲିସର ପ୍ରୟାସ

**ସାରସକଣା,୨୨।୧୧(ଡି.ଏନ.ଏ.)**

ଅପରାଧ ରୋକିବା ପାଇଁ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ପ୍ରୟାସ ଆରମ୍ଭ କରିଛି। ଅନ୍ୟ ରାଜ୍ୟରୁ ଆସି ଏହି ଥାନା ଅଞ୍ଚଳରେ ଭଡ଼ାସୁତ୍ରରେ ରହିଥିବା ଲୋକମାନେ ସପ୍ତାହକ ମଧ୍ୟରେ ନିଜ ପରିଚୟ ପତ୍ର ଥାନାରେ ଦାଖଲ କରିବାକୁ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ପ୍ରଚାର କରାଯାଇଛି।

## ବିଦ୍ୟାଳୟ ପରିସରରେ ଚାରାରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ କର୍ମକର୍ତ୍ତା।

**ଲଙ୍ଗଳେଶ୍ୱର, ୨୨।୧୧(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ ପକ୍ଷରୁ ସ୍ଥାନୀୟ ସିଟି ସ୍କୁଲ ପରିସରରେ ସୋମବାର ଶହେରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଭାବରେ ସିଟି ସ୍କୁଲର ଶିକ୍ଷକ ପ୍ରଶିକ୍ଷକ ତ୍ରିଭୁବନ ପ୍ରଧାନ, ସମ୍ମାନନୀୟ ଅତିଥି ଭାବରେ ଅଜୟ କୁମାର ବେହେରା, ଅନୁପମା ମାଝି ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଲଙ୍ଗଳେଶ୍ୱର ପ୍ରେସ କ୍ଲବ ସଭାପତି ରଞ୍ଜନ ବେହେରା ସଂଯୋଜନା କରିଥିବା ବେଳେ ସମ୍ପାଦକ କମଳାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରେସ୍ କ୍ଲବ ପକ୍ଷରୁ ବରିଷ୍ଠ ଖବରଦାତା ସୁବଳ ଚନ୍ଦ୍ର ଦାସ, ରବିରଞ୍ଜନ ତ୍ରିପାଠୀ, ପ୍ରଦୀପ କୁମାର ଜେନା, ରାଧାଗୋବିନ୍ଦ ଦାସ, ଉମାକାନ୍ତ ମହାନ୍ତି, ପ୍ରଶାନ୍ତ ସେନାପତି, ସତ୍ୟରଞ୍ଜନ ସାହୁ, ଅଜିତ ସାହୁ, ଅମୂଲ୍ୟ ପଟ୍ଟାୟତ, ସିଟି ସ୍କୁଲର ଗୁରୁ ଛାତ୍ର ଜୟଦେବ ପଟ୍ଟାୟତ, ଶ୍ରୀକାନ୍ତ ନାୟକ, ସୁଶାନ୍ତ ମଣ୍ଡଳ, ତାପସ ଜେନା, ଦେବାଶିଷ ହାତୀ, ଗୌରାଙ୍ଗ ସାହୁ, ସ୍ୱରୂପ ପରିଡ଼ା, ଅଜୟ ବଙ୍କିତ, ପ୍ରଭାସ ସୋରେନ, ବିନୟ ଭୂୟାଁ, ରାମଚନ୍ଦ୍ର ହୁଇ ଓ ରବୀନ୍ଦ୍ର ମୁଖି ପ୍ରମୁଖ ସହଯୋଗ କରିଥିଲେ।

## ଷଣ୍ଢ ହତ୍ୟା ଅଭିଯୋଗରେ ୩ କୋର୍ଟଚାଲାଣ

**ପଦ୍ମପୁର, ୨୨।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ଶଙ୍ଖଯୋଡ଼ି ଗ୍ରାମରେ ଏକ ଷଣ୍ଢକୁ ହତ୍ୟା ଅଭିଯୋଗରେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ୩ ଅଭିଯୁକ୍ତ ହେଲେ ସେକ୍ ମୁସୀ, ସେକ୍ ସଦାମ ଓ ସେକ୍ ଜାଫର। ଗତ ୨୦ ତାରିଖରେ କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ଭୋଜି ପାଇଁ ଷଣ୍ଢ ମାରିଥିବା ନେଇ ଧାମରା ଥାନାରେ ଅଭିଯୋଗ ହୋଇଥିଲା। ସୋମବାର ସେକ୍ ମୁସୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ମଙ୍ଗଳବାର ଅନ୍ୟ ଦୁଇଜଣ ଗିରଫ ହୋଇଛନ୍ତି। ଏହି ଘଟଣାକୁ ନେଇ ଭାଜପା, କଂଗ୍ରେସ, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ଘଟଣାରେ ପୋଲିସର ଭୂମିକା ନେଇ ସବୁବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାରୁ ବୁଧବାର ସ୍ଥାନୀୟ ଲୋକେ ଧାମରା ଥାନା ଘେରାଉ କରିବେ ବୋଲି ଭାଜପା ନେତା ସରୋଜ ଲେଙ୍କା ଓ ବଜରଙ୍ଗ ଦଳର ଜିଲା ସଭାପତି ଶୈଳେନ୍ଦ୍ର ନାରାୟଣ ସେନାପତି ପ୍ରକାଶ କରିଛନ୍ତି।

## ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଦେଲେ

### ରାଜନୈତିକ ଉଷ୍ମତା

**ଭୋଗରାଇ, ୨୨।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ ନିର୍ବାଚନମଣ୍ଡଳୀରେ ଏବେଠୁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀର ଜଗନ୍ନାଥପୁରଠାରୁ କୁମ୍ଭୀରଗଡ଼ି, ଭୋଗରାଇହାଟଠାରୁ ବର୍ତ୍ତନା ଓ ଭୁଆବନ୍ଧ ଓ ମହାଗବଠାରୁ ଉପୁଳାହାଟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ମରାମତି ଓ ପ୍ରଶସ୍ତୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି। ଏହି ରାସ୍ତା ଉଦ୍‌ଘାଟନକୁ ନେଇ ସୋମବାର ଦିନତମାମ୍ ବିଜେଡି ଓ ଭାଜପା ମଧ୍ୟରେ ଛକାପଞ୍ଝା, ଧସ୍ତାଧସ୍ତି ସାମ୍ନାକୁ ଆସିଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭୋଗରାଇ ଗସ୍ତ କରି ଏହି ୩ଟି ରାସ୍ତାକୁ ଉଦ୍‌ଘାଟନ କରିବାକୁ ଆସିଥିବା ବେଳେ ବିଜେଡି ସମର୍ଥକମାନେ ୩ଟି ସ୍ଥାନରେ ସୂଚନା ଫଳକକୁ ପୂର୍ବରୁ ଭାଙ୍ଗି ମାଟିରେ ମିଶାଇ ଦେଇଥିବା ଅଭିଯୋଗ ହୋଇଛି। ଭାଜପା ନେତାମାନେ ରଣକୌଶଳ କରି ଭଙ୍ଗାଯାଇଥିବା ସୂଚକଫଳକଠାରେ ବ୍ୟାନର ଲଗାଇ ଉଦ୍‌ଘାଟନ କରିଥିବା ବେଳେ ଭୋଗରାଇ ବାସୂଳୀଠାରେ ଭାଜପା ଓ ବିଜେଡି ନେତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ସୂଚନା ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହମତି ଭିତ୍ତିରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଅନୁଦାନ ଅର୍ଥ ଦିଆଯାଇଥିବା ବେଳେ ବାଲେଶ୍ୱର ଏମ୍‌ପି ମନମୁଖୀ ଭାବେ ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କୁ ଅଣଦେଖା କରି ଆକସ୍ମିକ ଭାବେ ରାସ୍ତା ଉଦ୍‌ଘାଟନ କରୁଥିବା ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ୩ଟି ସ୍ଥାନରେ ଏମ୍‌ପି ପ୍ରବଳ ପ୍ରତିରୋଧର ସମ୍ମୁଖୀନ ଓ କ୍ଷୁବ୍ଧ ହୋଇ ଫେରିଛନ୍ତି। ଏଭଳି ଘଟଣାକୁ ନେଇ ଦୁଇଦିନ ଧରି ଭୋଗରାଇ ଅଞ୍ଚଳରେ ଦୁଇ ଦଳର ଗୁପ୍ତ ସ୍ଥାନରେ ଘନ ଘନ ବୈଠକ ହୋଇ ଆଗାମୀ ରଣକୌଶଳ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ବାଲେଶ୍ୱର ଏମ୍‌ପି ବିଜେଡିକୁ ଗୁଣ୍ଡାରାଜ ଶାସନ ଚାଲିଛି ବୋଲି କଟାକ୍ଷ କରିଥିବା ବେଳେ ବିଜେଡି ବାଲେଶ୍ୱର ଏମ୍‌ପିଙ୍କ ହତାଶ ଓ ଅହଙ୍କାରର ପ୍ରତିଫଳନ ବୋଲି ପ୍ରତ୍ୟାରୋପ କରିଛି। ଭୋଗରାଇବାସୀଙ୍କୁ ବାଲେଶ୍ୱର ଏମ୍‌ପି ଅସମ୍ମାନ କରିଥିବାରୁ ଜନସାଧାରଣ ପ୍ରତିବାଦ କରିଛନ୍ତି ବୋଲି ଭୋଗରାଇ ବିଧାୟକ ଅନନ୍ତ ଦାସ କହିଛନ୍ତି। ଅଗଣତାନ୍ତ୍ରିକ ଭାବେ ବିଜେଡି ସୂଚନାଫଳକ ଭାଙ୍ଗିଥିବାରୁ ଭାଜପା ନେତା ମାନସ ମହାନ୍ତି ସମାଲୋଚନା କରିଛନ୍ତି।

## ଗରା, ବାଲ୍‌ଟି ଧରି ସମସ୍ୟା ଜଣାଇଲେ

**ବାଲେଶ୍ୱର ଅଫିସ, ୨୨।୧୧**

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ପରିଖି ପଞ୍ଚାୟତ ଲୁଣାପାହି ଗ୍ରାମରେ ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ପ୍ରତିକାର ପାଇଁ ଗ୍ରାମବାସୀ ମଙ୍ଗଳବାର ହାତରେ ବାଲ୍‌ଟି ଓ ଗରା ଧରି ପ୍ରତିବାଦ ଜଣାଇବା ସହ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଲୁଣାପାହି ଗ୍ରାମର ୫୦ ପରିବାର ବିଗତ କିଛିବର୍ଷ ହେବ ପିଇବା ପାଣି ପାଇବା ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଅନତି ଦୂରରେ ଥିବା ଏକମାତ୍ର ନଳକୂପ ବର୍ଷର ୬ମାସ ଅଚଳ ହୋଇପଡ଼ିଛି। ଏହି ସମୟରେ ଗ୍ରାମର ମହିଳାମାନଙ୍କୁ ପିଇବା ପାଣି ସଂଗ୍ରହ ପାଇଁ ପ୍ରାୟ ୨କି.ମି. ଯିବାକୁ ପଡ଼ିଥାଏ। ବର୍ଷା ଋତୁରେ ଅବସ୍ଥା ଅଧିକ ସଙ୍ଗୀନ ହୋଇପଡ଼େ। ଏନେଇ ବାରମ୍ବାର ସରପଞ୍ଚ, ବିଧାୟକ ଏବଂ ସରକାରୀ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଯୁବନେତା ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ସୁଶାନ୍ତ ରଣା, ମନୋଜ କୁମାର ନାଏକ, ଏସ୍‌କେ ଅରଫାନ, ବାବୁ ଗିରି, ସୁରଜ ସିଂ, ମୁନା ସିଂ, ଦେୱାଲା ସୋରେନ, ରୁକମଣି ମହତ, ସୁକାନ୍ତ ମୁର୍ମୁ, ସୀତା ମାରାଣ୍ଡି ପ୍ରମୁଖ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।




ବାଲ୍‌ଟି ଓ ଗରା ଧରି ଲୋକଙ୍କ ପ୍ରତିବାଦ।

